**ସଂକ୍ଷେପରେ**

## ସଞ୍ଚୟ ଏବଂ ଆର୍ଥିକ ସେବା ସହ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୯।୧୦ (ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ) ଗଞ୍ଜାମ ଜିଲା ସଞ୍ଚୟ ଏବଂ ଆର୍ଥିକ ସେବା କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ ଭାବେ ସୋମବାର ଧ୍ରୁବ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ରାୟଗଡା ଜିଲାର ସହ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଗଞ୍ଜାମ ଦାୟିତ୍ୱ ନେବା ପରେ କାର୍ଯ୍ୟାଳୟର କର୍ମଚାରୀ ଏବଂ ପୋଷ୍ଟାଲ ଏଜେଣ୍ଟମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ସଞ୍ଚୟ ଜମାରାଶିକୁ କିପରି ବୃଦ୍ଧି କରାଯିବ ତାହା ଉପରେ ସ୍ୱତନ୍ତ୍ର ଗୁରତ୍ୱ ଦିଆଯିବ। ଜିଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭାଗର ସମସ୍ତ କାର୍ଯ୍ୟ ଗୁଡିକ ସୁଚାରୁ ରୂପେ ତୁଲାଇବେ ବୋଲି ସହ ନିର୍ଦ୍ଦେଶକ ନାୟକ କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୯।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଗିରିଆ ଗ୍ରାମରେ ସୋମବାର ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ସେହି ଗ୍ରାମର ଶିବ ଦାସ (୨୫) । ମୃତକଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୨୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ଗଜଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୯।୧୦(ଶିଶିର ପଟ୍ଟନାୟକ) ଜି.ଉଦୟଗିରି ପଦାସାହିରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ପାଳନ କରିବା ପାଇଁ ପୂଜା ମଣ୍ଡପ ତରଫରୁ ରବିବାର ପ୍ରସ୍ତୁତି ବୈଠକ ଆୟୋଜନ ହୋଇଛି। ପୂଜା କମିଟି ସଭାପତି ସନ୍ତୋଷ କୁମାର ବାଘଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପ ସଭାପତି ଭାବେ ବିରେନ୍ଦ୍ର ସାହୁ, ସଂପାଦକ ପଞ୍ଚାନନ ପ୍ରଧାନ, କୋଷାଧକ୍ଷ ପ୍ରଭାତ ମହାପାତ୍ରଙ୍କ ସହିତ କାର୍ଯ୍ୟକାରିଣି କମିଟି ହେମନ୍ତ ପ୍ରଧାନ, ଭାଗବତ ଆର୍ଜେଲି, ଦୁର୍ଗା ମାଧବ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯଶୋଦା ମଲ୍ଲିକ, କାବେରି କହଁର ଯୋଗଦେଇଥିଲେ। ଏହା ସହିତ ସାହିବାସୀଙ୍କ ସହଯୋଗରେ ରବିବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଏହି ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସମସ୍ତଙ୍କ ସହଯୋଗରେ ଚଳିତ ବର୍ଷ ଧୂମଧାମରେ ପାଳନ ହେବା ସହିତ ମହିଳାମାନେ ପ୍ରମୁଖ ଦାୟିତ୍ୱରେ ରହିବାକୁ ସ୍ଥିର ହୋଇଛି।

## ବିଦ୍ୟାଳୟରେ ପୋଷାକ ବଣ୍ଟନ

ଜି.ଉଦୟଗିରି, ୯।୧୦(ଶିଶିର ପଟ୍ଟନାୟକ) ଶ୍ରୀରାମପଦାସ୍ଥିତ ସ୍ଥାନୀୟ ଗୁଡ୍ ସେଫର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଗଣା ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଅନ୍ୱେଷା ଯୋଜନାରେ ପଢୁଥିବା ସମସ୍ତ ୧୧୬ ଜଣ ପିଲାଙ୍କୁ ମାଗଣାରେ ଗୋଟିଏ ସ୍କୁଲ ବ୍ୟାଗ, ଦୁଇ ହଳ ପୋଷାକ, ଜୋତା, ମୋଜା ଓ ଟାଇ ବେଲ୍ଟ ସହ ଅନ୍ୟାନ୍ୟ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ରୋଜାଲିନ ସାହୁ ଓ ସମ୍ମାନିତ ଅତିଥି ଭାବେ ୪ ନମ୍ବର ୱାର୍ଡର କାଉନ୍ସିଲର ମୋନାଲିସା ଦଳବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଓ ପରାମର୍ଶ ଦେଇଥିଲେ। ଅଧକ୍ଷ କୁନାଲ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଟାରଜନ ନାୟକ, ନିରୁପମା ମଲ୍ଲିକ, ଜୟଶ୍ରୀ ପ୍ରଧାନଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ନଦୀପାଣିକୁ ରୋଷେଇ, ପିଇବାକୁ ନେଉଛନ୍ତି ଗ୍ରାମବାସୀ

ଭଞ୍ଜନଗର,୯।୧୦(ବାବୁଲା ପ୍ରଧାନ)

ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ଭଞ୍ଜନଗର ବ୍ଲକ ଗୋହିରିବା ଗ୍ରାମବାସୀ ଦୈନନ୍ଦିନ ଲୋହରାଖଣ୍ଡି ନଦୀରୁ ପାଣି ଆଣି ରୋଷେଇ ଏବଂ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ନଦୀ ତଟବର୍ତ୍ତୀ ଅନେକ ଗ୍ରାମରେ ଏହିଭଳି ସମସ୍ୟା ଦେଖିବାକୁ ମିଳିଛି। ଗୋହିରିବା ଗ୍ରାମରେ ଏକାଧିକ ଷ୍ଟାଣ୍ଡ ପୋଷ୍ଟ ସହ ହ୍ୟାଣ୍ଡ ଟ୍ୟୁବଲ ଅଛି। କିନ୍ତୁ ଗ୍ରାମବାସୀ ଉକ୍ତ ପାଣି କ୍ଷାରି ଲାଗୁଛି କହି ବ୍ୟବହାର କରୁନାହାନ୍ତି। ଗ୍ରାମବାସୀଙ୍କୁ ନଦୀପାଣି ବଦଳରେ ପାଇପ ପାଣି ବ୍ୟବହାର କରିବା ପାଇଁ ବିଭିନ୍ନ ସମୟରେ ଗ୍ରାମ୍ୟ ପାଇପ

**ପିଠା ଲାଗୁଛି ସରକାରୀ ପାଣି**



ମହିଳାମାନେ ନଦୀରେ ଚୁଆ ଖୋଳି ପାଣି ନେଉଛନ୍ତି।

ଜଳଯୋଗାଣ ବିଭାଗ ପକ୍ଷରୁ ସଚେତନ କରାଯାଉଛି। କିନ୍ତୁ ଗ୍ରାମବାସୀ ନଦୀରୁ ହିଁ ପାଣି ଉଠାଇ ପାଇପ ମାଧ୍ୟମରେ ଦେବା ପାଇଁ କହୁଛନ୍ତି। ଏଥିସହ ଘରକୁ ଘର ପାଇପ ଯୋଗେ ପାଣି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଗ୍ରାମବାସୀ ଦୈନନ୍ଦିନ ନଦୀକୁ ସ୍ନାନ କରିବାକୁ ଯାଉଛନ୍ତି। ଫେରିବା ସମୟରେ ନଦୀରେ ଚୁଆ ଖୋଳି ପାଣି ଆଣୁଛନ୍ତି। ଏ ନେଇ ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ନୀହାର ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନଦୀପାଣି ବଦଳରେ ପାଇପ ପାଣି ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ବାରମ୍ବାର ପରାମର୍ଶ ଦିଆଯାଇଛି। କିନ୍ତୁ ଗ୍ରାମବାସୀ ନଦୀରୁ ହିଁ ପାଣି ନେଇ ବ୍ୟବହାର କରୁଛନ୍ତି। ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଉକ୍ତ ଗ୍ରାମର ସମସ୍ତ ଘରକୁ ଆଗାମୀ ଦିନରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ସିଏସ୍‌ପି ପ୍ଲସ୍‌କୁ ମୋ ସେବା କେନ୍ଦ୍ରକୁ ପ୍ରଦାନ ଦାବି

# ଏଡିଏମ୍‌ଙ୍କୁ ସ୍ମାରକପତ୍ର ଦେଲା ସଂଘ



ଏଡିଏମ୍‌ଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଛତ୍ରପୁର,୯।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ) ସିଏସ୍‌ପି ପ୍ଲସକୁ ମୋ ସେବା କେନ୍ଦ୍ରକୁ ପ୍ରଦାନ କରିବା ଲାଗି ଦାବି ହୋଇଛି। ଏହି ଦାବି ନେଇ ସୋମବାର ଗଞ୍ଜାମ ଜିଲା ମୋ ସେବା କେନ୍ଦ୍ର ପରିଚାଳକ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ଗୋଟିଏ ପଞ୍ଚାୟତରେ ଗୋଟିଏ ମୋ ସେବା କେନ୍ଦ୍ର ଖୋଲିବା, ନୂତନ ଭାବେ ଖୋଲିବାକୁ ଥିବା ସିଏସପି ପ୍ଲସକୁ ପଞ୍ଚାୟତରେ ଯୋଗାଇ ଆସୁଥିବା ମୋ ସେବା କେନ୍ଦ୍ରକୁ ସି.ଏସପି ପ୍ଲସ ପ୍ରଦାନ କରିବା, ସମସ୍ତ ସରକାରୀ ସର୍ଭିସ ପବ୍ଲିକ ପୋର୍ଟାଲକୁ ନ ଦେଇ ମୋ ସେବା କେନ୍ଦ୍ର ମାଧ୍ୟମରେ ପ୍ରଦାନ କରିବା, ପାରିଶ୍ରମିକ ପ୍ରଦାନ, ମୋ ସେବା କେନ୍ଦ୍ରରେ ସର୍ଭିସ ଦିଆଯାଉ ଥିବା ମୋ ସେବା କେନ୍ଦ୍ର ନାଁରେ ରହିବା ଆଦି ଦାବି ରହିଛି ।

# ମୋ ସେବା କେନ୍ଦ୍ର ପରିଚାଳକଙ୍କ ସିଏସ୍‌ପିକୁ ବିରୋଧ

ଫୁଲବାଣୀ, ୯।୧୦(ରାକେଶ କୁମାର ରାଉତ) ମୋ ସେବା କେନ୍ଦ୍ର ପରିଚାଳକମାନେ ସିଏସ୍‌ପିକୁ ବିରୋଧ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ମୋ ସେବା କେନ୍ଦ୍ରରେ କରାଯାଉଛି। ଏବେ ନୂତନ ଭାବେ ପ୍ରତ୍ୟେକ ପଞ୍ଚାୟତରେ ସିଏସ୍‌ପି ପ୍ଲସ ଖୋଲିବା ପାଇଁ ଯାଉଛନ୍ତି । ବିଗତ ୩ ବର୍ଷ ହେବ ରାଜ୍ୟ ସରକାରଙ୍କ ଜନହିତରେ ବିଭିନ୍ନ କାର୍ଯ୍ୟକୁ ସମ୍ପାଦନ ବିନା କୌଣସି ସରକାରୀ ଆର୍ଥିକ ସହାୟତାରେ ଆମେ କରି ଆସୁଛୁ । ଆରମ୍ଭ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ଏ ଯାଏ ପୂରଣ ହୋଇପାରିନାହିଁ । ତେଣୁ ଅନ୍ୟତ୍ର ସିଏସ୍‌ପି ପ୍ଲସ ନ ଖୋଲି ଆମକୁ ପ୍ରଦାନ କରିବାକୁ କେନ୍ଦ୍ର ପରିଚାଳକମାନେ ପ୍ରକାଶ



କେନ୍ଦ୍ର ପରିଚାଳକମାନେ।

କରିଛନ୍ତି। ଗୋଟିଏ ପଞ୍ଚାୟତରେ କେବଳ ଗୋଟିଏ ମୋ ସେବା କେନ୍ଦ୍ର ଖୋଲିବା, ସମସ୍ତ ଆସବାବପତ୍ର ସହ ପଞ୍ଚାୟତରେ ସ୍ଥାୟୀ ଅଫିସ୍ ଯୋଗାଇ ଦେବା, ସମସ୍ତ ସରକାରୀ ସେବା ଗୁଡିକ ପବ୍ଲିକ ପୋର୍ଟାଲକୁ ନ ଦେଇ ମୋ ସେବା କେନ୍ଦ୍ର ମାଧ୍ୟମରେ ପ୍ରଦାନ କରିବା, ପାରିଶ୍ରମିକ ଦେବା ଆଦି ଦାବି ସଂଘ ପକ୍ଷରୁ ରହିଛି।

# କୃଷକଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୋଲସରା,୯।୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକରେ କୃଷକମାନଙ୍କ ସମସ୍ୟା ନେଇ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବ୍ଲକ ଅନ୍ତର୍ଗତ ମାଳ ତେନ୍ତୁଳିଆ ୧୭ କିଲୋମିଟର ଓ ଡାବୁରିଆ ନାଳ ୭ କିଲୋମିଟରେ ସହ ରୁଖାକଣା ଯାଏ କଂକ୍ରିଟ ସାଇଡ ୱାଲ୍ ନିର୍ମାଣ କରି ନାଳ ଉପରେ ବ୍ରିଜ୍ ନିର୍ମାଣ କରିବାକୁ ଦାବି କରିଛି ଋଷିକୂଲ୍ୟା ରୟତ ମହାସଭା। ମାଳ ତେନ୍ତୁଳିଆ ନାଳ ଓ ଡ଼ାବୁରିଆ ନାଳଟି ଚିରସ୍ରୋତା ନାଳ ଅଟେ। ବର୍ଷା ଓ ଖରା ଦିନେ ବର୍ଷତମାମ ଯଥେଷ୍ଟ ଜଳ ପ୍ରବାହିତ ହେଉଥାଏ। ଉକ୍ତ ନାଳର ଜଳ ଦ୍ୱାରା କୃଷକମାନେ ନିଜ ନିଜର ଜମିରେ ଜଳ ବ୍ୟବହାର କରି ଫସଲ କରିଥାନ୍ତି। କିନ୍ତୁ ସାମାନ୍ୟ ବର୍ଷାରେ ବନ୍ୟା ଜଳ ପ୍ରବାହିତ ହୋଇ କୃଷକମାନଙ୍କ ଜମିର ଅତଡା ଖାଇ ନାଳରେ ମିଶିଗଲାଣି। ଉକ୍ତ ନାଳଟି କଣ୍ଟା, ଲଟା, ଅମରି, ଡାଙ୍ଗିଳିର ଗଛ ପତ୍ରରେ ଜଙ୍ଗଲ ହୋଇଯାଇଥିବା ଯୋଗୁ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଯାହା ଦ୍ୱାରା ସିଦ୍ଧିପୁର, ବନ୍ଧପଲ୍ଲୀ, ଉସ୍ଥାପଡା, ବାଲିଘାଇ, କୋଙ୍କରଡ଼ା, ଜିଲୁଣ୍ଡା, ପାଟିଗଡ ଏହି ସବୁ ଗ୍ରାମ ନିକଟରେ ନାଳ ହୁଡ଼ା ଭାଙ୍ଗ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଚାଷୀମାନଙ୍କ ସମସ୍ୟାର ସମାଧାନ କରିବାକୁ ଋଷିକୂଲ୍ୟା ରୟତ ମହାସଭାର ସଭାପତି ସତ୍ୟବାନ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଦାବି କରିଛନ୍ତି।

# ଡୁମୁଡିବନ୍ଧରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଡୁମୁଡିବନ୍ଧ,୯।୧୦ (ଦୀପକ କୁମାର ପରାସେଠ) ଡୁମୁଡିବନ୍ଧଠାରେ ଡୁମୁଡିବନ୍ଧ ବ୍ଲକ ବିଜୁ ଜନତା ଦଳ ତରଫରୁ ସୋମବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡୁମୁଡିବନ୍ଧ ବ୍ଲକ ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ୧୧ ପଞ୍ଚାୟତର କର୍ମୀମାନଙ୍କୁ ନେଇ ଡୁମୁଡିବନ୍ଧ ଆମ୍ବେଦକର ଛକ ସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ଡୁମୁଡିବନ୍ଧ ମୁଖ୍ୟ ବଜାର ବସଷ୍ଟାଣ୍ଡ ଦେଇ ମୁଣ୍ଡିଗଡ଼ ପଞ୍ଚାୟତର ମୁଣ୍ଡିଗଡ଼ ଗ୍ରାମ ଯାଏ ପଦଯାତ୍ରା କରି ଲୋକଙ୍କ ପାଖରେ ବିକାଶର ବାର୍ତ୍ତା ପହଞ୍ଚିଥିଲେ। ଏହି ପଦଯାତ୍ରାରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ବ୍ଲକ ଅଧକ୍ଷା ବାସନ୍ତି ମାଝୀ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଉପାଧକ୍ଷ ସନ୍ତୋଷ କୁମାର ସାହୁ, ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ବିଧାୟକ ପ୍ରତିନିଧି କୁନା ଦଣ୍ଡସେନା ଓ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ଏହି ପଦଯାତ୍ରାରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

# ୨୦ ଗାଡ଼ି ଚାଳକ ଗିରଫ

### ମଦ୍ୟପାନ କରି ଗାଡ଼ି ଚଳାଉଥିଲେ

ଛତ୍ରପୁର,୯।୧୦(ସନ୍ତୋଷ ପାଢ଼ୀ) ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରପଗଡ ଜାରି ରହିଛି । ରବିବାର ରାତିରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ୨୦ ଜଣ ଗାଡି ଚାଳକ ଯାଞ୍ଚ ବେଳେ ଧରାପଡିଥିଲେ। ସମ୍ପୃକ୍ତ ୨୦ ଜଣଙ୍କୁ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗିରଫ କରାଯିବା ସହ ସେମାନଙ୍କ ଗାଡିକୁ ଜବତ କରାଯାଇଥିବା ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୋରଡା, ଧରାକୋଟ, ଜଗନ୍ନାଥପ୍ରସାଦ, ଶେରଗଡ, ବୁଗୁଡା, ଗାଙ୍ଗପୁର, ଭଞ୍ଜନଗର, ରମ୍ଭା, ଛତ୍ରପୁର ଓ ଖଲ୍ଲିକୋଟ ଥାନା ପୋଲିସକୁ ଏହି ସଫଳତା ମିଳିଛି ।

# ଫୁଲବାଣୀରେ ସାଇବର ସଚେତନତା



ଫୁଲବାଣୀ, ୯।୧୦(ରାକେଶ କୁମାର ରାଉତ) ଫୁଲବାଣୀରେ ରବିବାର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ ଏକ ମାରାଥନର ଆୟୋଜନ କରାଯାଇଥିଲା। କରୋନେସନ ପଡିଆରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପତାକା ଦେଖାଇ ଏହାର ଆରମ୍ଭ କରିଥିଲେ। ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଯୁବତୀ ଯୁବକ, ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ ପଡିଆରୁ ବାହାରି ମାଦିକୁନ୍ଦା ଛକ ସ୍ଥିତ ପୋଲିସ ରିଜର୍ଭ ପଡିଆ ଯାଏ ଯାଇଥିଲେ । ସେଠାରେ ପୁଣି ଫେରି କରୋନେସନ ପଡିଆରେ ପହଞ୍ଚିଥିଲେ । ସେଠାରେ ସାଇବର ଅପରାଧ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ମାରାଥନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଗାପୂଜା, କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୯।୧୦(କାଳି ଚରଣ ଦାଶ)

ସ୍ଥାନୀୟ ବ୍ୟବସାୟୀ ପୂଜା କମିଟି ପକ୍ଷରୁ ଆଗାମୀ ଦୁର୍ଗା ପୂଜା ଓ କାଳୀ ପୂଜା ଉପଲକ୍ଷେ ସୋମବାର ମଦନ ମୋହନ ଛକସ୍ଥିତ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଭ୍ରମଣ ପୂର୍ବକ ମା'ଙ୍କ ପୂଜା ମଣ୍ଡପସ୍ଥଳରେ ଶୁଭଖୁଣ୍ଟିକୁ ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଶିବ ପ୍ରସାଦ ଦାଶ ଓ ସଂଗ୍ରାମ ନନ୍ଦ ଯୋଗ ଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ଅଭିମନ୍ୟୁ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ଚିତ୍ରସେନ ପ୍ରଧାନ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ଦାଶ, ଶଙ୍କର ସାହୁ, ଲିଟୁ ସାହୁ, ବସନ୍ତ ସ୍ୱାଇଁ, ଟୁକୁନା ସାହୁ, ରୁନା ସାହୁ, ଟୁନା ରେଡି, ଦଣ୍ଡପାଣି ସାହୁ, ସନ୍ନ୍ୟାସୀ ସାହୁ ଓ ମଣ୍ଟୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଚାନ୍ଦିପୁଟ କ୍ଲଷ୍ଟରସ୍ତରୀୟ ସୁରଭି

ଚାନ୍ଦିପୁଟ,୯।୧୦ (କେ ପ୍ରମୋଦ କୁମାର ଦୋରା) ଚାନ୍ଦିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏବିଇଓ କୁନା ପାତ୍ର, ମୁଖ୍ୟବକ୍ତା କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କନକଲତା ପାଲ, ସମିତି ସଭ୍ୟ ସୋମନାଥ ମଣ୍ଡଳ, ବିଦ୍ୟାଳୟର ସଭାପତି ବିପ୍ର ଚରଣ ବଳିଆରସିଂହ ଯୋଗ ଦେଇଥିଲେ। ସିଆରସିସି ଭୈରବ ପ୍ରସାଦ ପ୍ରଧାନ ଓ ପ୍ରଧାନ ଶିକ୍ଷକ ବଳରାମ ବଡ଼ରଇତ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାନ୍ଦିପୁଟ କ୍ଲଷ୍ଟର ୧୫ ପ୍ରାଥମିକ ବିଦ୍ୟାଳୟ, ୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବାର୍‌ହା ମାଂସ ଜବତ, ଶିକାରୀ ଗିରଫ

ଧରାକୋଟ/ଆସିକା, ୯।୧୦ (ବିଷ୍ଣୁ କେଶରୀ ଆଚାର୍ଯ୍ୟ/ସୁରେନ୍ଦ୍ର ନାଥ ସାହୁ) ଆସିକା ବନାଞ୍ଚଳ ଅଧୀନରେ ଥିବା ଧରାକୋଟ ବନକ୍ଷେତ୍ରରୁ ବାର୍‌ହା ମାଂସ ବିକ୍ରି କରିବା ଅଭିଯୋଗରେ ସୋମବାର ଶିକାରୀଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ପଳାଉପଲ୍ଲୀ ଗ୍ରାମର ଟୁନା ନାୟକ। ତାଙ୍କଠାରୁ ୫ କେଜି କଟା ମାଂସ ବନବିଭାଗ ଜବତ କରିଛି । ଶିକାରୀ ଜଣଙ୍କ ନିକଟସ୍ଥ ସୁଳିଆ ଗୁଡା ପାହାଡ଼ ନିକଟବର୍ତ୍ତୀ ବୁଦୁବୁଦୁଆ ଜଙ୍ଗଲରୁ ବାର୍‌ହା ଶିକାର କରି ମାଂସ ବିକ୍ରି ପାଇଁ ବସିଥିଲେ। ଖବର ପାଇ ଧରାକୋଟ ଫରେଷ୍ଟର ଅକ୍ଷୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ଜାନିବିଲି ଛକ ନିକଟରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଟୁନାଙ୍କୁ ଗିରଫ କରିଥିବା ବେଳେ ତା'ଠାରୁ ସଦ୍ୟ କଟାଯାଇଥିବା ମାଂସ ମଧ୍ୟ ଜବତ କରିଥିଲେ। ଆସିକା ରେଞ୍ଜ କେସ ନଂ. ୧୨୦/୨୩-୨୪ରେ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଧରାକୋଟ ବନକ୍ଷେତ୍ରର କର୍ମଚାରୀ ଟୁଟୁକି ନାହାକ, ପ୍ରଦୀପ କୁମାର ପରିଛା, ରାକେଶ ପରିଡା, ଶିବ ଶଙ୍କର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟରେ ଡେଙ୍ଗୁ ସଚେତନତା

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା),୯।୧୦

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଯୁବ ରେଡ୍ କ୍ରସ୍ ବିଭାଗ ତରଫରୁ ପାଳନ ହୋଇଯାଇଛି। ଅଧକ୍ଷା ଡ. ରୀନା ସାହୁ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରସ୍ତୁତ କରାଯାଇଥିବା ଡେଙ୍ଗୁ ସମ୍ବନ୍ଧିତ ସ୍ଲୋଗାନ ଦ୍ୱାରା ଛାତ୍ରୀମାନେ ଅଧକ୍ଷାଙ୍କ ନେତୃତ୍ୱରେ ଅଧ୍ୟାପିକା ମଧୁସ୍ମିତା ପ୍ରଧାନଙ୍କ ସହଯୋଗରେ ରାଲି କାର୍ଯ୍ୟକ୍ରମ ଆରମ୍ଭ କରି ଲୋକଙ୍କୁ ସଚେତନ କରିଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀମାନେ ରାଜରାସ୍ତା ମଧ୍ୟ ପରିକ୍ରମା କରି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଡେଙ୍ଗୁ ଲକ୍ଷଣ ଦେଖାଗଲେ ତୁରନ୍ତ ରକ୍ତ ପରୀକ୍ଷା କରିବାକୁ ଛାତ୍ରୀମାନେ ସଚେତନ କରିଥିଲେ।

# ଉଚ୍ଚଶିକ୍ଷା, ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ମୋହନା ଗସ୍ତ



ମୋହନା,୯।୧୦(ମନ୍ମଥ ମିଶ୍ର): ରାଜ୍ୟ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୋମବାର ମୋହନା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସିଥିଲେ। ସେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପ୍ରାର୍ଥନା ଗୃହକୁ ଯାଇ ଅଞ୍ଚଳର ଦଳୀୟ ନେତା ଓ ସମସ୍ତ କର୍ମୀଙ୍କ ସହ ଆଲୋଚନା କରି ମୋହନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଆଲୋଚନା ସମୟରେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ଯୁବ ବିଜେଡି ଜିଲା ସଭାପତି ଏସ. ଲିଙ୍ଗରାଜ, ହରିଶ୍ଚନ୍ଦ୍ର ପାତ୍ର, ଫିରୋଜ ପଟ୍ଟନାୟକ, ଝୁମୁରି ବୀର, ଆର. ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା, ଏସଡିଅଧକ୍ଷା ମରୀୟମ ଶବର, ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମୋହନା ବିଡିଓ ତପସ୍ୱିନୀ ହାଁସଦା ଏବଂ ଦଳୀୟ ନେତା ଫୁଲତୋଡା ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ କର୍ମୀ ସମ୍ମିଳନୀ କରିଥିଲେ।

# ସ୍ମାର୍ଟ ଶ୍ରେଣୀଗୃହ ସମ୍ପର୍କରେ ବୁଝାଇଲେ ବିଡିଓ

### ୫-ଟିରେ ସାମିଲ ସାବିତ୍ରୀ ମହିଳା ମହାବିଦ୍ୟାଳୟ

ଭଞ୍ଜନଗର,୯।୧୦(ବାବୁଲା ପ୍ରଧାନ) ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ସୋମବାର ୫-ଟି କାର୍ଯ୍ୟକ୍ରମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଡ଼ିଓ ଶଶିଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାବିତ୍ରୀ ମହିଳା ମହାବିଦ୍ୟାଳୟକୁ ୫-ଟି ଯୋଜନାରେ ସାମିଲ କରାଯାଇଛି ବୋଲି କହିଥିଲେ। କଲେଜକୁ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ୨ କୋଟି ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ୫-ଟି ମାଧ୍ୟମରେ କଲେଜରେ ଏକାଧିକ ସ୍ମାର୍ଟ କ୍ଲାସ୍ ରୁମ୍ ହେବ। ଲାଇବ୍ରେରୀ ଓ ଅନ୍ୟାନ୍ୟ



ବିଡିଓ ଶଶିଭୂଷଣ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି ।

ଉନ୍ନତୀକରଣ କରାଯିବ। କିଛିମାସ ମଧ୍ୟରେ ଉକ୍ତ ସମସ୍ତ କାମ ସରିବ। ଛାତ୍ରୀମାନେ ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ଅଧିକ ସୁବିଧା ଏହି ମହାବିଦ୍ୟାଳୟରେ ପାଇବେ ବୋଲି ବିଡ଼ିଓ ମହାପାତ୍ର କହିଥିଲେ। ଅଧକ୍ଷ ଡ଼.ସୁଶାନ୍ତ କୁମାର ମଲ୍ଲିକ ବୈଠକରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସଭାପତି ଡ଼.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ବ୍ଲକ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ୫-ଟି ଯୋଜନା ସମ୍ପର୍କରେ କହିଥିଲେ ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଛତ୍ରପୁର,୯।୧୦ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ) ରମ୍ଭା ଥାନା ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗାଁର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ସେ ହେଲେ ଚିତ୍ରସେନ ନାହାକଙ୍କ ସ୍ତ୍ରୀ ତ୍ରିଫୁଲା ନାହାକ(୫୩)। ସୋମବାର ତ୍ରିଫୁଲା ବିଲକୁ ଭେଣ୍ଡି ତୋଳିବାକୁ ଯାଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତ୍ରିଫୁଲାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ରମ୍ଭା ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି ।

# ହକି ସଚେତନତା ଯାତ୍ରା

ପାରଳାଖେମୁଣ୍ଡି,୯।୧୦ (ଗିରିଧାରୀ ପରିଛା)

ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତର ହକି ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ପରେ ଆସନ୍ତା ୨୦୨୪ରେ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳ ମନୋନୀତ ହୋଇଛି । ଏଥିରେ ଓଡ଼ିଶା ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ତଥା ଜନ ସାଧାରଣଙ୍କୁ ସଚେତନତା କରାଇବା ଏବଂ ହକି ଉପରେ ଆଗ୍ରହ ବଢ଼ାଇବା ପାଇଁ ଛାତ୍ରୀଛାତ୍ର ଓ ହକି ଖେଳାଳିଙ୍କ ଦ୍ୱାରା ଜିଲାର ବିଭିନ୍ନ ବିଦ୍ୟାଳୟରେ ସଚେତନତା ଯାତ୍ରା କରାଯାଇଥିଲା। ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ



ହକି ଖେଳାଳିଙ୍କ ସହ ଅନ୍ୟମାନେ।

ଖାରିଗୁଡା, ଖାଣ୍ଡବାସ୍ଥିତ ବଂଶଧାରା ଉଚ୍ଚ ବିଦ୍ୟାଳୟ ଆଦି ସମେତ ଜିଲାର ବହୁ ବିଦ୍ୟାଳୟରେ ହକି ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ଗାରବନ୍ଧଠାରେ ଥିବା ଭେଙ୍କଟେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର, ଲିଙ୍ଗରାଜ ସାହୁ, ମିଶାଲ ଗୁନେୟା, ସୁନୀଲ କୁମାର ରେଡ୍ଡୀ, ଜି.ସନ୍ତୋ, କୁମାର ଦୋରା, ଜିତେନ୍ଦ୍ର ବେହେରା, ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**କଳିଙ୍ଗ ସାହିତ୍ୟ ସମାଜର କ୍ଷୁଦ୍ର ଗଳ୍ପ ଆସର**

ବ୍ରହ୍ମପୁର, (ସ୍ମୃତି ରଞ୍ଜନ ମହାଲିକ): କଳିଙ୍ଗ ସାହିତ୍ୟ ସମାଜର ଶାଖା କଳିଙ୍ଗର ନବସ୍ୱର ପକ୍ଷରୁ ଉତ୍କଳ ଆଶ୍ରମ ଭାଷା ସଭାଗୃହରେ କ୍ଷୁଦ୍ରଗଳ୍ପ ଆସର ଆୟୋଜିତ ହୋଇଯାଇଛି। ଶିବ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ସମ୍ମାନ ଛାତ୍ରୀ ମେଘନା ସାହୁ ସଂଯୋଜନା କରିଥିଲେ। କଳିଙ୍ଗ ସାହିତ୍ୟ ସମାଜର କାର୍ଯ୍ୟାଳୟ ସଂପାଦକ ନଳିନୀକାନ୍ତ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଚାଳିତ ଏହି ଆସରରେ ଡ. କୁଳମଣି ଓଝା ସମୀକ୍ଷକ ରୂପେ ଯୋଗଦେଇ ପଠିତ ଗଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ଦେବମାଲ୍ୟ ପଣ୍ଡା, ରଶ୍ମିତା ପଣ୍ଡା, ଶ୍ରୀଯାଳି ମିଶ୍ର, କାଶୀନାଥ କାର୍ଜୀ, ନମିତା ସେଠୀ, ଶିବ ପ୍ରସାଦ ସାହୁ, ମେଘନା ସାହୁ ଓ ରୂପେଶ ସାହୁ ପ୍ରମୁଖ ସ୍ୱରଚିତ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ଶେଷରେ ନଳିନୀକାନ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ହିଞ୍ଜିଳିକାଟୁ,୯।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଖରିଡା ଗ୍ରାମରେ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିପ୍ର ରାଉଳ (୫୫)। ବିପ୍ର ସକାଳେ ଘର ପାଣି ମୋଟର ସଜାଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ହିଞ୍ଜିଳି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ୨୭/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ତାଲାବନ୍ଦ ଘରୁ ଚୋରି

ବ୍ରହ୍ମପୁର,୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ହାତିବନ୍ଧ ସାହିର ଦେବେନ୍ଦ୍ର ସାହୁ ୧୫ ଦିନ ତଳେ ଘରେ ତାଲାପକାଇ ବେଙ୍ଗାଲୁରୁ ଯାଇଥିଲେ। ତାଙ୍କ ଘରୁ ଚୋରି ହୋଇଥିବା ରବିବାର ସକାଳେ ଖୋଡ଼ାସିଙ୍ଗି ଅଞ୍ଚଳରେ ରହୁଥିବା ଭିଣୋଇ ଖବରପାଇ ସେଠାକୁ ଯାଇଥିଲେ। ଘରର ସମ୍ମୁଖ ଭାଗ ଗ୍ରିଲ୍ ଓ ମୁଖ୍ୟ କବାଟ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଭିତରେ ପଶି ଏକ ଏଲଇଡି ଟିଭି ସହ ଆଲମାରୀରୁ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଥିବା ଥାନାରେ ସେ ଏତଲା ଦେଇଥିଲେ। ପୋଲିସ ୫୦୯/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସହରର ୧୬ ଜୋନ୍‌ରେ ଡ୍ରିଙ୍କ ଫର୍ମ ଟ୍ୟାପ୍ ଉଦଘାଟିତ

ବ୍ରହ୍ମପୁର,୯।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ଡ୍ରିଙ୍କ ଫର୍ମ ଟ୍ୟାପକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଅନଲାଇନରେ ଉଦଘାଟନ କରିଥିଲେ। ଏହି ଅବସରରେ ଟାଉନ ହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ଼ି, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମସି କମିଶନର ଜେ. ସୋନାଲ ଓ ୱାଟକୋ ମୁଖ୍ୟ ଅପରେଟିଂ ଅଫିସର ସୀତାରାମ ପଣ୍ଡା ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସହରରେ ୨୫ଟି ଜୋନରେ ୫୪ ହଜାର ୩୮୯ଟି ବାସଗୃହକୁ ୨୪ ଘଣ୍ଟିଆ ପାଇପ ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଥିଲା। ଏଥିମଧ୍ୟରୁ ୨୦୨୧ ଡିସେମ୍ବରରେ ୯ ଜୋନରେ ପାନୀୟ ଜଳ ଯୋଗାଣ ଶୁଭାରମ୍ଭ ହୋଇଥିଲା। ସୋମବାର ଆଉ ୧୬ଟି ଜୋନରେ ଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ଜାନିବିଲ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ସହରରେ ପାନୀୟ ଜଳ ଯୋଗାଣ ସମସ୍ୟା ଦୂର ହୋଇଛି ବୋଲି ଏମପି କହିଛନ୍ତି। ସହରରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହୋଇଥିବାରୁ ବିଧାୟକ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ବହୁ କର୍ପୋରେଟର, ଜଳ ସାଥୀ, ୱାଟକୋର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଫାଇଲିନ୍‌ରେ ଲିଭି ନ ଥିଲା ଅଖଣ୍ଡ ଦୀପ




**୬୦ ବର୍ଷରେ କମାପଲ୍ଲୀ ଦୁର୍ଗା ପୂଜା**

ବ୍ରହ୍ମପୁର,୯।୧୦(ସ୍ମୃତି ରଞ୍ଜନ ମହାଲିକ)

କମାପଲୀର ଦୁର୍ଗା ପୂଜା ୬୦ ବର୍ଷରେ ପହଞ୍ଚିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' ଦୁର୍ଗତିନାଶିନୀଙ୍କ ଆଗମନ ପାଇଁ କମାପଲୀ ଦୁର୍ଗା ପୂଜା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଚଳିତ ମାସ ଆରମ୍ଭରୁ କମିଟି ପକ୍ଷରୁ ମୂର୍ତ୍ତି ନିର୍ମାଣ ଓ ତୋରଣ କାର୍ଯ୍ୟ ଆରମ୍ଭ ହୋଇଛି। କଟକ କାରିଗରଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଛି। ମୂର୍ତ୍ତିର ଉଚ୍ଚତା ପ୍ରାୟ ୮ ଫୁଟ ରହିଛି। ଢେଙ୍କାନାଳ ଜିଲାର କାରିଗରଙ୍କ ଦ୍ୱାରା ତାଜମହଲ ଢାଞ୍ଚାରେ ନିର୍ମାଣ ଚାଲିଥିବା ତୋରଣର ଉଚ୍ଚତା ୬୫ ଫୁଟ ଏବଂ ଓସାର ୪୦ ଫୁଟ ରହିଛି। ନବରାତ୍ରିଠାରୁ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ ହେବ। ପ୍ରତିଦିନ ସୂର୍ଯ୍ୟ ପୂଜା ପରେ ମା'ଙ୍କ ପୂଜାର୍ଚ୍ଚନା, ବିଶ୍ରାମ, ଚଣ୍ଡୀପାଠ, ଆଳତୀ, ଷୋଡଶ ପୂଜା, ହୋମଯଜ୍ଞ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ। ଭଜନ ସମାରୋହରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯିବ। ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଓ ୨ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ନିୟୋଜିତ କରାଯିବ। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ସେହିପରି କମିଟି ପକ୍ଷରୁ କମାପଲୀ ଛକଠାରୁ ଲାଞ୍ଜିପଲୀ ଓଭରବ୍ରିଜ, ଟାଟାବେଞ୍ଜ ଟ୍ରାଫିକ ଛକ ଓ ନନ୍ଦିଘୋଷ ଆପାର୍ଟମେଣ୍ଟ ଯାଏଁ ସୁନ୍ଦର ଆଲୋକମାଳାରେ ସଜାଯିବ।


ଢେଙ୍କାନାଳ କାରିଗରଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ତାଜମହଲ ତୋରଣ।


ସୋମନାଥ ପାଢୀ

ଫାଇଲିନ୍ ବାତ୍ୟାରେ ପୂଜା ମଣ୍ଡପରେ ତୋରଣ ଭୁଶୁଡ଼ି ପଡ଼ିବା ସାଙ୍ଗକୁ ମୂର୍ତ୍ତି ମଧ୍ୟ ଭାଙ୍ଗି ଯାଇଥିଲା। କିନ୍ତୁ ମା'ଙ୍କ ନିକଟରେ ପୂଜା ପାଉଥିବା ଅଖଣ୍ଡ ଦୀପ ଲିଭି ନ ଥିଲା। ଯାହାକି ମା'ଙ୍କ ମହିମା। କମାପଲୀର ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପୂଜା ହୋଇ ଆସୁଛି। ଶ୍ରଦ୍ଧାଳୁମାନେ ମା'ଙ୍କୁ ସୁରୁଖୁରୁରେ ଦର୍ଶନ କରିବା ନିମନ୍ତେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୂଜା କମିଟି ପରିଚାଳକ ସୋମନାଥ ପାଢୀ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ବୀଣାପାଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ବାଣ୍ଟିଲେ ନେତା


ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

ବ୍ରହ୍ମପୁର,୯।୧୦ (ନରସିଂହ ସାହୁ)

**ବିଜେଡିର ପଦଯାତ୍ରା**

ବ୍ରହ୍ମପୁର ବିଜେଡି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ସହସ୍ରାଧିକ କର୍ମୀଙ୍କ ବିଶାଳ ଜନ ସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା। ଗୋଷାଣୀ ନୂଆଗାଁ ଓଭରବ୍ରିଜ୍ ଛକରୁ ବାହାରିଥିବା ପଦଯାତ୍ରା ବିଜିପୁର ସମେତ ଅନ୍ୟ ଅଞ୍ଚଳ ଦେଇ ଗିରିରୋଡ ଛକସ୍ଥ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ରାସ୍ତା ପରିକ୍ରମା ବେଳେ ରାଜ୍ୟ ସରକାରଙ୍କ ବହୁମୁଖୀ ବିକାଶ ବାର୍ତ୍ତା ଲୋକଙ୍କୁ ବଣ୍ଟା ଯାଇଥିଲା।

କାର୍ଯ୍ୟକ୍ରମରେ ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଡେପୁଟି ମେୟର ବିବେକ ରେଡ଼ି, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଜିଲା ବିଜେଡି ଉପସଭାପତି ଭଗବାନ ଗନ୍ତାୟତ, ସଂଜିତ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ମହିଳା ବିଜେଡି ରାଜ୍ୟ ସଂଗଠନ ନେତ୍ରୀ ତଥା ବିଏମସି ପୂର୍ବତନ ମେୟର କେ. ମାଧବୀ, ଜୋନ ସଭାନେତ୍ରୀ ମମତା ବିଶୋୟୀ, ମହାନଗର ମହିଳା ସଂଗଠନ ସଭାନେତ୍ରୀ ସୋନାଲି ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି କର୍ପୋରେଟରମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ଗିରିରୋଡ ଛକରେ ପହଞ୍ଚିବା ପରେ ସନ୍ଧ୍ୟାରେ ନେତାମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନେତାଙ୍କ ଘରକୁ ଡାକି ଆକ୍ରମଣ, ଥାନାରେ ମାମଲା

ବ୍ରହ୍ମପୁର,୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)– ଜଣେ ବ୍ୟକ୍ତିଙ୍କୁ ସହରର ଜଣେ ପ୍ରମୁଖ ନେତାଙ୍କ ଘରକୁ ଡକାଇ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୦୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାର ୨ଦିନ ପରେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ପ୍ରକାଶ ଯେ, ଗତ ୭ ତାରିଖ ରାତି ପ୍ରାୟ ୮ଟାରେ ପାର୍କସାହିରେ ରହୁଥିବା ଏମ. ସୁଧାକର ସ୍ୱାମୀଙ୍କୁ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ଜଣେ ନେତାଙ୍କ ଘରକୁ ଆସିବା ପାଇଁ ଜଣେ ଯୁବକ ଫୋନ କରି ଡାକିଥିଲେ। ସୁଧାକର ସେଠାରେ ପହଞ୍ଚିବା ପରେ ୩ଜଣ ଯୁବକ ମିଶି ତାଙ୍କୁ ନେତାଙ୍କ ସମ୍ମୁଖରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଆଖିରେ ଆଘାତ ଲାଗିଥିଲା। ଏ ସଂପର୍କରେ ଥାନାରେ ଅଭିଯୋଗ ନ କରିବାକୁ ନେତାଙ୍କ ସହଯୋଗୀମାନେ ତାଙ୍କୁ ଧମକ ଦେଇଥିଲେ। ହେଲେ ନିଜ ଜୀବନ ପ୍ରତି ବିପଦ ଥିବା ଯୋଗୁ ସୁଧାକର ବାଧ୍ୟ ହୋଇ ଥାନାରେ ଏତଲା ଦେଇଛନ୍ତି।

# ବାଣିଜ୍ୟ ବିଭାଗରେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ବ୍ରହ୍ମପୁର,୯।୧୦(ତନୁଶ୍ରୀ ନାହାକ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ସୋମବାର ନବାଗତ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦିଗଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ଦିନିଆ ଏହି କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗ ଓ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ବିକାଶ ଅନୁଷ୍ଠାନ, କଟକର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମର ସମ୍ପର୍କରେ ବିସ୍ତୃତ ଭାବେ ବୁଝାଯିବା ସହ ଛାତ୍ର ଜୀବନର ଆଇନର ଭୂମିକା, ଆଧ୍ୟାତ୍ମିକତା, ସମାୟାନୁବର୍ତ୍ତିତା, ପାଠାଗାରର ସଦୁପଯୋଗ, କ୍ୟାମ୍ପସ ନିୟମବଳି, ପାଠ୍ୟଖସଡ଼ା, ବିଭାଗର ସୁବିଧା ସମ୍ପର୍କରେ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ଏମଏସଏମଇର ଆସିଷ୍ଟାଣ୍ଟ ଡାଇରେକ୍ଟର ସନ୍ତୋଷ କୁମାର ସାହୁ, ଆସିଷ୍ଟାଣ୍ଟ ଡାଇରେକ୍ଟର ସୁବାସ କୁମାର ସାହୁ, ଆସ ଆପ. ଇନ୍‌ର ପରିଚାଳକ ସ୍ମୃତି ରଞ୍ଜିତା ଦାଶ, ବ୍ରହ୍ମପୁର ସଂକଳ୍ପ ବିଦ୍ୟାଳୟର ନିର୍ଦ୍ଦେଶକ ସାର୍ଥକ ଅତିଥି ରୂପେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ଡଃ ମହେଶ୍ୱର ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ଚନ୍ଦ୍ରିକା ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଶକ୍ତି ରଞ୍ଜନ ଦାଶ, ଡ. ବି ଭେଙ୍କଟେଶ୍ୱର ରାଓ, ଡ. ଜିନତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି


ଧାରଣାରତ ଛାତ୍ରଗୋଷ୍ଠୀ ।

ବ୍ରହ୍ମପୁର,୯।୧୦(ତନୁଶ୍ରୀ ନାହାକ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏଠାରେ କ୍ରୀଡ଼ା ଭିତ୍ତିଭୂମି ଦୁର୍ବଳ ଥିବା ଓ ଗତ ୨ ବର୍ଷ ହେଲା କୌଣସି କ୍ରୀଡ଼ା ପ୍ରତିଯୋଗିତା ହେଉ ନ ଥିବା ପ୍ରତିବାଦରେ ଛାତ୍ରମାନେ ସୋମବାର ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଆୟୋଜନ କରିବା ନିମନ୍ତେ କୁଳପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଛାତ୍ରଙ୍କ ଅଭିଯୋଗ ଯେ, ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ କଲେଜ ଏକକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବାର ଦୁଇବର୍ଷ ପୂରିଥିବା ବେଳେ ପୂର୍ବ ଅପେକ୍ଷା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱବିଦ୍ୟାଳୟରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ଦୁଇବର୍ଷ ହେବ କୌଣସି କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହୋଇପାରୁନାହିଁ। ପୂର୍ବରୁ ଭଲିବଲ, ହ୍ୟାଣ୍ଡବଲରୁ ଆରମ୍ଭ କରି ବ୍ୟାଡ଼ମିଣ୍ଟନ, ସନ୍ତରଣ, ବକ୍ସିଂ ଆଦିରେ ଏଠାରୁ ବହୁ କ୍ରୀଡ଼ାବିତ ରାଜ୍ୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ଏବେ ବି ବିଶ୍ୱବିଦ୍ୟାଳୟରେ ଏପରି ବହୁ ପ୍ରତିଭାବାନ କ୍ରୀଡ଼ାବିତ ଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳୁନି। ବାରମ୍ବାର କର୍ତ୍ତୃପକ୍ଷଙ୍କ ନିକଟରେ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନି। ତେଣୁ ବାଧ୍ୟ ହୋଇ ଛାତ୍ରମାନେ ଧାରଣାକୁ ଓହ୍ଲାଇଛନ୍ତି।

# ଲେଖିକା, ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆସର

ବ୍ରହ୍ମପୁର,୯।୧୦ (ସ୍ମୃତି ରଞ୍ଜନ ମହାଲିକ୍)

ଗଞ୍ଜାମ ଜିଲା ଲେଖିକା ଓ ଲେଖକ ସାମ୍ମୁଖ୍ୟର ଶାରଦୀୟ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଲେଖିକା ସାମ୍ମୁଖ୍ୟର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ଆସରକୁ ଅବସରପ୍ରାପ୍ତ ଅଧ୍ୟକ୍ଷା କବୟିତ୍ରୀ ଡ. ପୁଷ୍ପାଞ୍ଜଳି ପଢାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଓ ସାଧାରଣ ସମ୍ପାଦିକା ଡ. ସୂଚନା ପାଢୀ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସନ୍ତା ଡ଼ିସେମ୍ବର ୨୫ ତାରିଖରେ ବାର୍ଷିକ ଉତ୍ସବ ସହ ଲେଖିକା ସାମ୍ମୁଖ୍ୟ ମୁଖପତ୍ର ସୃଜନୀ ଓ ଲେଖକ ସାମ୍ମୁଖ୍ୟ ମୁଖପତ୍ର ଋଷିକୂଲ୍ୟା ପାଇଁ ଲେଖା ଆହ୍ୱାନ କରିଥିଲେ। ପରେ କବୟିତ୍ରୀ ଆରତୀ ଶତପଥୀ ଓ ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କ ସଂଯୋଜନାରେ ସାହିତ୍ୟ ଆସର ହୋଇଥିଲା। ଏଥିରେ ବିଷ୍ଣୁପ୍ରିୟା ମହାପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ଡ ପ୍ରଫୁଲ୍ଲ କୁମାର ମହାନ୍ତି, ଦେବୀ ପ୍ରସାଦ ମହାପାତ୍ର, ପ୍ରଫେସର ଡ. ରାଜା ରାଓ, ସୁବାସ ଚନ୍ଦ୍ର ନାୟକ, ଭଗବାନ ପାତ୍ର, ସୁଦର୍ଶନ ବିଷୋୟୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦିକା ଡ. ସୂଚନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'ଯୁବଗୋଷ୍ଠୀ ସାମାଜିକ ସେବାରେ ନିୟୋଜିତ ହୁଅନ୍ତୁ'

ବ୍ରହ୍ମପୁର,୯।୧୦ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱେଚ୍ଛାସେବୀ ଅଧିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ସ୍ୱେଚ୍ଛାସେବୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାମାଜିକ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ ଅଧିକାରୀ ନିରୋଦ ବରଣ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ, ବିଶ୍ୱବିଦ୍ୟାଳୟ ଏନଏସଏସ ବ୍ୟୁରୋ ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ୨ଶହରୁ ଅଧିକ ଛାତ୍ରୀଛାତ୍ର ଏସଏସଏସରେ ଯୋଗଦେଇଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଇତିଶ୍ରୀ ଗୀତାମୁକାରୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଡ଼. ଶଙ୍କର୍ଷଣ ମଲ୍ଲିକ, ସୌମ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏସିଆନ ଗେମରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା। କ୍ରୀଡ଼ା ସଂସଦ ସଂପାଦକ ପ୍ରଫେସର ଗଣେଶ ସେଠୀ ହକିର ବିକାଶରେ ରାଜ୍ୟ ସରକାରଙ୍କ ଭୂମିକା ସଂପର୍କରେ କହିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନୂତନ ସ୍ୱେଚ୍ଛାସେବୀ ଓ ବିଶ୍ୱବିଦ୍ୟାଳୟ କୁଳପତି, ଏନ୍‌ଏସ୍‌ଏସ୍ ଅଧିକାରୀ ବୃନ୍ଦ।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅମଲା

ବ୍ରହ୍ମପୁର,୯।୧୦(ସ୍ମୃତି ରଞ୍ଜନ ମହାଲିକ୍)

ମିଳିତ ଅମଲା ମଞ୍ଚ ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ଗେଟ ବଜାର ଏନଜିଓ ହଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅମଲାମାନେ ଦୀର୍ଘଦିନ ଧରି ଉପେକ୍ଷିତ ହୋଇ ଆସୁଛନ୍ତି। ସର୍ବନିମ୍ନ ଗ୍ରେଡ ପେ ୪୨୦୦ ଟଙ୍କା ନିର୍ଦ୍ଧାରଣ କରିବା ଦାବି ନେଇ ଅମଲାଙ୍କ ପକ୍ଷରୁ ବାରମ୍ବାର ଧାରଣା, ବିକ୍ଷୋଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନି। ଏହି ବୈମାତୃକ ମନୋଭାବ ପ୍ରତିବାଦରେ ଗତ ଜୁନ ମାସରେ ରାଜ୍ୟର ସମସ୍ତ ଅମଲାମାନେ ୧୭ଦିନ ଧରି ସମୂହ ଛୁଟିରେ ଯାଇଥିଲେ। କାର୍ଯ୍ୟ ଠପ୍ ହେବାରୁ ସରକାର ୧ ମାସ ମଧ୍ୟରେ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ଦାବି ପୂରଣ ହୋଇ ନ ଥିବା ମଞ୍ଚ ଅଭିଯୋଗ କରିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଅମଲା ମଞ୍ଚ ପକ୍ଷରୁ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମଞ୍ଚର ସମ୍ପାଦକ ସି ଏଚ ରଜନୀକାନ୍ତ ଓ ସଂଗଠନ ସଂପାଦକ ଶିବ ପ୍ରସାଦ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

